# ଡକ୍ଟର ସାବିତ୍ରୀ ଶର୍ମା

ସମ୍ପ୍ରତି ଭୁବନେଶ୍ୱରସ୍ଥିତ ଏଲ୍. ଭି. ପ୍ରସାଦ ଚକ୍ଷୁ ଚିକିତ୍ସାଳୟରେ ଆସୋସିଏଟ୍ ଡାଇରେକ୍ଟର ଭାବେ କାର୍ଯ୍ୟରତ ଡକ୍ଟର ସାବିତ୍ରୀ ଶର୍ମା ଚକ୍ଷୁରୋଗର ନିଦାନ ଓ ଚିକିତ୍ସା କ୍ଷେତ୍ରରେ ବହୁ ସମ୍ମାନ ଓ ସ୍ୱୀକୃତି ଲାଭ କରିଛନ୍ତି । ୧୯୫୩ ମସିହା ନଭେମ୍ବର ୨୫ ତାରିଖରେ ତାଙ୍କର ଜନ୍ମ । ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ୧୯୭୮ରେ ଏମ୍‌ବିବିଏସ୍ ଏବଂ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ୧୯୮୨ରେ ମେଡ଼ିକାଲ ମାଇକ୍ରୋବାୟୋଲଜିରେ ଏମ୍‌ଡି ଡିଗ୍ରୀ ହାସଲ କରିଛନ୍ତି । ୨000 ମସିହାରେ ସେ 'ନ୍ୟାସନାଲ୍ ଏକାଡ଼େମୀ ଅଫ୍ ମେଡ଼ିକାଲ୍ ସାଇନ୍‌ସେସ୍'ର ସଦସ୍ୟତା ଗ୍ରହଣ କରିଛନ୍ତି ।



ଡକ୍ଟର ଶର୍ମାଙ୍କର ବ୍ୟାପକ ବୃତ୍ତିଗତ ଅଭିଜ୍ଞତା ରହିଛି । ୧୯୮୨ରୁ ୧୯୮୪ ଯାଏଁ ପଣ୍ଡିଚେରୀସ୍ଥିତ 'ଜବାହରଲାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପୋଷ୍ଟ ଗ୍ରାଜୁଏଟ୍ ମେଡ଼ିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ'ରେ ବରିଷ୍ଠ ରେସିଡେଣ୍ଟ ଭାବେ, ୧୯୮୪ ରୁ ୧୯୮୬ ପର୍ଯ୍ୟନ୍ତ କର୍ଣ୍ଣାଟକର ମଣିପାଲସ୍ଥିତ କସ୍ତୁରବା ମେଡ଼ିକାଲ କଲେଜରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ, ୧୯୮୬ ରୁ ୧୯୯0 ଯାଏଁ ମଦୁରାଇସ୍ଥିତ 'ଅରବିନ୍ଦ ଆଇ ହସ୍ପିଟାଲ ଆଣ୍ଡ ପୋଷ୍ଟଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅପ୍‌ଥାଲ୍‌ମୋଲଜି'ରେ ମୁଖ୍ୟ ମାଇକ୍ରୋବାୟୋଲଜିଷ୍ଟ ରୂପେ ଏବଂ ୧୯୯୧ ରୁ ୨00୬ ପର୍ଯ୍ୟନ୍ତ ହାଇଦ୍ରାବାଦସ୍ଥିତ 'ଏଲ୍. ଭି. ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍'ରେ ମାଇକ୍ରୋବାୟୋଲଜିର ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟ କଲାପରେ ୨00୬ ମସିହା ଠାରୁ ଭୁବନେଶ୍ୱରସ୍ଥିତ 'ଏଲ୍.ଭି. ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍' ର ଆସୋସିଏଟ୍ ଡାଇରେକ୍ଟର ଭାବେ ଅବସ୍ଥାପିତ ହୋଇଛନ୍ତି ।

୨୯ ବର୍ଷର ଗବେଷଣା ଅବଧି ଭିତରେ ଡକ୍ଟର ଶର୍ମା ଚକ୍ଷୁ ସଂକ୍ରମଣର ବିଭିନ୍ନ କାରଣ ରୂପେ ଜୀବାଣୁ, କବକ, ପରଜୀବୀ ଓ ଅଣୁଜୀବୀର ଭୂମିକା ସଂପର୍କିତ

ଗଭୀର ଅଧ୍ୟୟନ ସାଙ୍ଗକୁ ସେମାନଙ୍କ ଔଷଧ ପ୍ରତିରୋଧ ଶକ୍ତି, ଚକ୍ଷୁ ସଂକ୍ରମଣର ନିଦାନରେ ଆଣବିକ ପଦ୍ଧତିର ପ୍ରୟୋଗ, କଣ୍ଟାକ୍ଟ ଲେନସ୍ ଜନିତ ଚକ୍ଷୁ ସଂକ୍ରମଣ ଇତ୍ୟାଦି କ୍ଷେତ୍ରରେ ବହୁ କାର୍ଯ୍ୟ କରିଛନ୍ତି ।

ଓଡ଼ିଶାରେ ବର୍ଷା ଋତୁରେ ଏକ ସଂକ୍ରାମକ ରୋଗଭାବେ ବ୍ୟାପୁଥିବା ଆଖିଧରା ରୋଗର ଏକ ନୂତନ କାରଣ ଆବିଷ୍କାର କରି ଡକ୍ଟର ଶର୍ମା ଦେଶ ବାହାରେ ଅନେକ ଭେଷଜବିଜ୍ଞାନୀଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ଅଦ୍ୟାବଧି ମିଳିତଭାବେ ଡକ୍ଟର ଶର୍ମା ଓ ତାଙ୍କ ସହଯୋଗୀଙ୍କ ୧୫୨ଟି ଗବେଷଣାତ୍ମକ ନିବନ୍ଧ ପ୍ରକାଶିତ ହୋଇଛି । ଏଥିମଧ୍ୟରୁ ଆନ୍ତର୍ଜାତିକ ଜର୍ଣ୍ଣାଲମାନଙ୍କରେ ପ୍ରକାଶିତ ସନ୍ଦର୍ଭ ସଂଖ୍ୟା ହେଉଛି ୧୦୨ । ୧୨ଟି ପୁସ୍ତକରେ ତାଙ୍କ ଲିଖିତ ଅଧ୍ୟାୟ ସ୍ଥାନ ଲାଭ କରିଛି । ୧୭ଟି ପ୍ରକଳ୍ପରେ ସେ ମୁଖ୍ୟ ବା ସହଯୋଗୀ ଗବେଷକଭାବେ କାର୍ଯ୍ୟ କରିଛନ୍ତି । ବହୁଗୁଡ଼ିଏ ଆନ୍ତର୍ଜାତିକ ଓ ଜାତୀୟ ସ୍ତରୀୟ ବୃତ୍ତିଗତ ସଂସ୍ଥାର ସଦସ୍ୟ ରହିବାସାଙ୍ଗକୁ ଅନେକଗୁଡ଼ିଏ ଗବେଷଣା ପତ୍ରିକାର ସମ୍ପାଦନା ଓ ସମୀକ୍ଷା ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି । ଗବେଷଣାଗତ ସାଫଲ୍ୟ ପାଇଁ ବହୁ ସଂଖ୍ୟକ ଜାତୀୟ ଓ ଆନ୍ତର୍ଜାତୀୟ ସମ୍ମାନ ଓ ପୁରସ୍କାର ଲାଭ କରିଛନ୍ତି ।

ଡକ୍ଟର ଶର୍ମାଙ୍କ ଅସାଧାରଣ କୃତି ଓ କୃତିତ୍ୱକୁ ସମ୍ମାନ ଜଣାଇ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ତାଙ୍କୁ ୨୦୧୦ ମସିହା ପାଇଁ ଜୀବ ବିଜ୍ଞାନରେ **"ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର"** ପ୍ରଦାନ କରୁଛି ଏବଂ ତାଙ୍କର ଦୀର୍ଘ, ନିରାମୟ ଓ କର୍ମବହୁଳ ଜୀବନ କାମନା କରୁଛି ।

***

# DR. SAVITRI SHARMA

Dr. Savitri Sharma has established herself as a pioneering and prolific researcher in the area of microbiology and eye diseases.



She was born on 25th November 1953. She obtained her MBBS degree from Sambalpur University in 1978 and MD degree in Medical Microbiology from Madras University in 1982. She took the membership of the National Academy of Medical Sciences/Diplomate of National Board in 2000.

Dr. Sharma worked as a Senior Resident at JIPMER Pondichery from 1982 to 1984, as an Assistant Professor at Kasturba Medical College, Manipal, Karnataka from 1984 to 1986, as the Chief Microbiologist, Arvind Eye Hospital and Postgraduate Institute of Ophthalmology, Madurai, Tamilnadu, and as Head of Microbiology at L.V.Prasad Eye Institute, Hyderabad. Since 2006 Dr. Sharma has been working as Associate Director, L.V.Prasad Eye Institute, Bhubaneswar.

During her research career spanning over 29 years, Dr. Sharma has made tremendous contributions in the broad domains of survey, diagnosis and treatment of eye infections of different types. Her general research interests include 'prevalence, diagnosis, pathogenesis and treatment of eye infections caused by bacteria, fungi, parasites and viruses', 'antibiotic susceptibility of various microorganisms associated with eye infections', 'mechanisms of drug resistance in bacteria and fungi causing eye infections', 'application of molecular methods in the diagnosis of

eye infections', 'contact lens associated infections' etc. She was the first to detect and confirm the occurrence of Microsperidial epidemic keratoconjuctivitis in Orissa. This drew the attention of the entire world.

The research findings of Dr. Sharma and her associates have been published in over 152 papers, 101 of which in international journals. She has written chapters in 12 books. She has successfully carried out 17 research projects, funded by various agencies, either as chief investigator or co-investigator. Besides being member of a large number of professional bodies, she has been associated with a number of journals for editorial work or review of papers. Her research credentials have earned her a large number of honours and recognitions both at national and international levels.

In humble recognition of the excellent research works of Dr. Sharma, the Orissa Bigyan Academy is privileged to honour her with the **Samanta Chandra Sekhar Award** in Life Sciences for the year 2010. The Academy wishes her a more productive, healthy and long life.

***